# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 12th January – 2026

*********************************

## ମୁଖ୍ୟ ସମ୍ବାଦ

- ଜାତୀୟ ଯୁବଦିବସ ଅବସରରେ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପର ଉଦ୍‌ଯାପନୀ ସମାରୋହରେ ଯୋଗଦେଲେ ପ୍ରଧାନମନ୍ତ୍ରୀ ।

- ସଡ଼କ ସୁରକ୍ଷାକୁ ସୁଶାସନର ଅଂଶଭାବେ ଗ୍ରହଣ କଲେ ରାଜ୍ୟ ସରକାର ।

— ଲୋକସେବା ଭବନରୁ ୬ ହଜାର ୭୦୧ କୋଟି ଟଙ୍କାର ୭୧ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ ।

- ୨୦୨୬-୨୭ ଆର୍ଥିକ ବର୍ଷପାଇଁ ଆସନ୍ତାମାସ ୧ ତାରିଖରେ ଉପସ୍ଥାପିତ ହେବ କେନ୍ଦ୍ରୀୟ ବଜେଟ୍ ।

ଏବଂ

- ୬୯ତମ ଜାତୀୟ ବିଦ୍ୟାଳୟସମୂହ ତୀରଚାଳନା ପ୍ରତିଯୋଗିତାରେ ମୋଟ୍ ୧୦ଟି ପଦକ ସହ ଓଡ଼ିଶା ଉପବିଜେତା ।

*Desk*

# ଜାତୀୟ ଯୁବ ଦିବସ

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ଦେଶରେ ଜାତୀୟ ଯୁବ ଦିବସ ପାଳନ କରାଯାଉଛି। ତାଙ୍କ ଚିନ୍ତାଧାରା, ମୂଲ୍ୟବୋଧ ଏବଂ ଆଦର୍ଶକୁ ଯୁବପିଢ଼ିଙ୍କ ମଧ୍ୟରେ ପ୍ରସାର କରିବା ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ। ଚଳିତବର୍ଷ 'ନିଜକୁ ସକ୍ରିୟ କରିବା, ବିଶ୍ୱକୁ ପ୍ରଭାବିତ କରିବା' ବାର୍ତ୍ତା ନେଇ ଜାତୀୟ ଯୁବ ଦିବସ ପାଳନ କରାଯାଉଛି । ୧୯୮୪ ମସିହା ଆଜିର ଦିନକୁ କେନ୍ଦ୍ର ସରକାର ସ୍ୱାମୀ ବିବେକାନନ୍ଦଙ୍କ ଜ୍ଞାନ ଓ ନିସ୍ୱାର୍ଥପର ସେବା ଆଦର୍ଶରେ ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ଜାତୀୟ ଯୁବ ଦିବସ ପାଳନ ପାଇଁ ନିଷ୍ପତ୍ତି ନେଇଥିଲେ। ସ୍ୱାମୀ ବିବେକାନନ୍ଦ ୧୮୬୩ ମସିହା ଜାନୁୟାରୀ ମାସ ୧୨ ତାରିଖରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ। ୧୮୬୯ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ନିଜର ସ୍ନାତକ ଡିଗ୍ରୀ ଶେଷ କରିଥିଲେ।

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ଦେଶବ୍ୟାପୀ ଜାତୀୟ ଯୁବ ଦିବସ ପାଳନ କରାଯାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ୨୦୨୬ର ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ସେଠାରେ

ଅନୁଷ୍ଠିତ ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଯୁବ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି । ଆଉ କିଛି ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ସମ୍ମିଳନୀକୁ ସମ୍ବୋଧନ କରିବେ । ଏହି ଅବସରରେ ଶ୍ରୀ ମୋଦୀ ଏକ ପ୍ରବନ୍ଧ ସଂକଳନକୁ ଉନ୍ମୋଚନ କରିବେ। ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଦେଶର ଯୁବବର୍ଗ ଓ ଜାତୀୟ ନେତୃତ୍ୱ ମଧ୍ୟରେ ଚିନ୍ତାଧାରାର ଆଦାନ ପ୍ରଦାନ କରିବାର ଏକ ଉତ୍କୃଷ୍ଟ ମଞ୍ଚ ସାବ୍ୟସ୍ତ ହୋଇଛି।

***BBSR/R***

## ମୁଖ୍ୟମନ୍ତ୍ରୀ – ଯୁବଶକ୍ତି

ଯୁବଶକ୍ତି ଉପରେ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ଯୁବ ଦିବସ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଶ୍ରୀ ମାଝୀ କହିଛନ୍ତି, ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ମାଧ୍ୟମରେ ଶିଳ୍ପାୟନକୁ ଅଗ୍ରାଧିକାର ପ୍ରଦାନ କରାଯାଉଛି । ଏହାଦ୍ୱାରା ଯୁବବର୍ଗଙ୍କପାଇଁ ଅଧିକ ନିଯୁକ୍ତ କ୍ଷେତ୍ର ସୃଷ୍ଟି ହୋଇପାରିବ । ଶିକ୍ଷାକ୍ଷେତ୍ରପାଇଁ ସରକାର ବଜେଟ୍‌ରେ ୪୧ ହଜାର ୨୭୩ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାମୀ ବିବେକାନନ୍ଦଙ୍କ ବାଣୀ, ଜୀବନାଦର୍ଶ ଏବଂ ଦର୍ଶନ ସମସ୍ତଙ୍କପାଇଁ ପ୍ରେରଣାଦାୟକ । ସ୍ୱାମିଜୀଙ୍କ ପ୍ରଦର୍ଶିତ ମାର୍ଗରେ ଆମେ

ଅଗ୍ରସର ହେବା ସହିତ ୨୦୩୬ ସମୃଦ୍ଧ ଓଡ଼ିଶା ଗଠନପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

***Voice** :..........*

**BBSR/R**

# ଗୁଡ୍ ଗଭର୍ଣ୍ଣାନ୍ସ

ରାଜ୍ୟରେ ସଡ଼କ ସୁରକ୍ଷାକୁ ସୁଶାସନର ଅଂଶବିଶେଷ ଭାବେ ଆଜିଠାରୁ ଗ୍ରହଣ କରାଗଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ' ଏଭଳି ପଦକ୍ଷେପଦ୍ୱାରା ସରକାରୀ ଅଧିକାରୀମାନେ ସଡ଼କ ସୁରକ୍ଷା ନୀତି ପାଳନ ନେଇ ଅଧିକ ସତର୍କ ରହିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ 'ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ସମ୍ମାନ' ପ୍ରଦାନ ସମ୍ପର୍କରେ ଶ୍ରୀ ମାଝୀ ଘୋଷଣା କରିଛନ୍ତି । ଜିଲ୍ଲା ସ୍ତରରେ ତଥା ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ସଡ଼କ ସୁରକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ସୁଦୃଢ଼ ପଦକ୍ଷେପ ଆଧାରରେ ସମ୍ମାନିତ କରାଯିବ ।

ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଏଥିପାଇଁ ଚାର୍ଜିଂ ଷ୍ଟେସନ୍‌ର

ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରପାଇଁ ଆଜି ୧୫ଟି ଚାର୍ଜିଂ ଷ୍ଟେସନ୍‌ର ଶ୍ରୀ ମାଝୀ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ମାଝୀ ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡ୍‌କୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି । ୧୫୬ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟରେ ୧୦ଟି ଜିଲ୍ଲାରେ ଏହି ବସ୍‌ଷ୍ଟାଣ୍ଡ୍‌ଗୁଡ଼ିକ ନିର୍ମିତ ହୋଇଛି ।

ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୪୬ କୋଟି ଟଙ୍କା ବ୍ୟୟରେ ୧୦୦ଟି ନୂତନ BS-6 ମାନର ଆଧୁନିକ ବସ୍ ଚଳାଚଳର ଆଜି ଶୁଭାରମ୍ଭ ହୋଇଛି । ଏହି ବସ୍‌ଗୁଡ଼ିକପାଇଁ ମୁଖ୍ୟମନ୍ତ୍ରୀ ସ୍ମାର୍ଟକାର୍ଡ଼ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ବ୍ରହ୍ମପୁରଠାରେ କ୍ରୁଟ୍ ପକ୍ଷରୁ ନିର୍ମିତ ଅତ୍ୟାଧୁନିକ ବସ୍ ଡିପୋରୁ ୨୫ଟି ନୂତନ ଇ-ବସ୍ ଚଳାଚଳର ମଧ୍ୟ ଶୁଭାରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ସଡ଼କ ଭିତ୍ତିଭୂମି ଏବଂ ସୁରକ୍ଷା କ୍ଷେତ୍ରରେ ଏହିସବୁ ପଦକ୍ଷେପ ବ୍ୟାପକ ପରିବର୍ତ୍ତନ ଆଣିବ ।

ରାଜ୍ୟରେ ଏକ ଅତ୍ୟାଧୁନିକ ଲୋକସେବା ଭବନ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ୯୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ ଏଲିଭେଟେଡ୍ କରିଡରର ମଧ୍ୟ ମୁଖ୍ୟମନ୍ତ୍ରୀ ଆଜି ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋଟ୍ ୬ ହଜାର ୭୦୧ କୋଟି ଟଙ୍କାର ୭୧ଟି ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

**BBSR/R**

# ଗୁଡ଼ ଗଭର୍ଣ୍ଣାନ୍ସ

ରାଜ୍ୟରେ ସଡ଼କ ସୁରକ୍ଷାକୁ ସୁଶାସନର ଅଂଶବିଶେଷ ଭାବେ ଆଜିଠାରୁ ଗ୍ରହଣ କରାଗଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ' ଏଭଳି ପଦକ୍ଷେପଦ୍ୱାରା ସରକାରୀ ଅଧିକାରୀମାନେ ସଡ଼କ ସୁରକ୍ଷା ନୀତି ପାଳନ ନେଇ ଅଧିକ ସତର୍କ ରହିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ 'ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ସମ୍ମାନ' ପ୍ରଦାନ ସମ୍ପର୍କରେ ଶ୍ରୀ ମାଝୀ ଘୋଷଣା କରିଛନ୍ତି । ଜିଲ୍ଲା ସ୍ତରରେ ତଥା ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ସଡ଼କ ସୁରକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ସୁଦୃଢ଼ ପଦକ୍ଷେପ ଆଧାରରେ ସମ୍ମାନିତ କରାଯିବ ।

ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଏଥିପାଇଁ ଚାର୍ଜିଂ ଷ୍ଟେସନ୍‌ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରପାଇଁ ଆଜି ୧୫ଟି ଚାର୍ଜିଂ ଷ୍ଟେସନ୍‌ର ଶ୍ରୀ ମାଝୀ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ମାଝୀ ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡ୍‌କୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି । ୧୫୬

କୋଟି ୫୩ ଲକ୍ଷ ଟଙ୍କା ବ୍ୟୟରେ ୧୦ଟି ଜିଲ୍ଲାରେ ଏହି ବସ୍‌ଷ୍ଟାଣ୍ଡ୍‌ଗୁଡ଼ିକ ନିର୍ମିତ ହୋଇଛି ।

ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୪୬ କୋଟି ଟଙ୍କା ବ୍ୟୟରେ ୧୦୦ଟି ନୂତନ BS-6 ମାନର ଆଧୁନିକ ବସ୍ ଚଳାଚଳର ଆଜି ଶୁଭାରମ୍ଭ ହୋଇଛି । ଏହି ବସ୍‌ଗୁଡ଼ିକପାଇଁ ମୁଖ୍ୟମନ୍ତ୍ରୀ ସ୍ମାର୍ଟକାର୍ଡ଼ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ବ୍ରହ୍ମପୁରଠାରେ କ୍ରୁଟ୍ ପକ୍ଷରୁ ନିର୍ମିତ ଅତ୍ୟାଧୁନିକ ବସ୍ ଡିପୋରୁ ୨୫ଟି ନୂତନ ଇ-ବସ୍ ଚଳାଚଳର ମଧ୍ୟ ଶୁଭାରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ସଡ଼କ ଭିତ୍ତିଭୂମି ଏବଂ ସୁରକ୍ଷା କ୍ଷେତ୍ରରେ ଏହିସବୁ ପଦକ୍ଷେପ ବ୍ୟାପକ ପରିବର୍ତ୍ତନ ଆଣିବ ।

ରାଜ୍ୟରେ ଏକ ଅତ୍ୟାଧୁନିକ ଲୋକସେବା ଭବନ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ୯୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ ଏଲିଭେଟେଡ୍ କରିଡରର ମଧ୍ୟ ମୁଖ୍ୟମନ୍ତ୍ରୀ ଆଜି ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋଟ୍ ୬ ହଜାର ୭୦୧ କୋଟି ଟଙ୍କାର ୭୧ଟି ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

***Desk***

# କେନ୍ଦ୍ର ବଜେଟ୍

୨୦୨୬-୨୭ ଆର୍ଥିକ ବର୍ଷପାଇଁ କେନ୍ଦ୍ରୀୟ ବଜେଟ୍ ଆସନ୍ତା ମାସ ୧ ତାରିଖ ରବିବାର ଦିନ ଲୋକସଭାରେ ଉପସ୍ଥାପନ କରାଯିବ ବୋଲି

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି । ପୂର୍ବାହ୍ନ ୧୧ଟାରେ ନିମ୍ନ ସଦନରେ ବଜେଟ୍ ଉପସ୍ଥାପନ କରାଯିବ । ନୂଆଦିଲ୍ଲୀରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବାଚସ୍ପତି ଶ୍ରୀ ବିର୍ଲା ଏହି ସୂଚନା ଦେଇଛନ୍ତି ।

ଆଗାମୀ ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ବୈଠକ ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହୋଇ ଫେବୃୟାର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ୍ ୨ ତାରିଖରେ ସମ୍ପନ୍ନ ହେବ ।

***BBSR/R***

# ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ

ପାରାଦ୍ୱୀପ ମହାବିଦ୍ୟାଳୟ ପରିସରରେ ରାଜ୍ୟର ପ୍ରଥମ ଦକ୍ଷତା କେନ୍ଦ୍ର ଆଜି ଉଦ୍‌ଘାଟିତ ହୋଇଛି । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି, ଦକ୍ଷତା ବିକାଶ, ସମସ୍ୟା ସମାଧାନ କ୍ଷମତା, ଡିଜିଟାଲ୍ ସାକ୍ଷରତା ଏବଂ ବୃତ୍ତିଗତ ନୈତିକତା ବୃଦ୍ଧି ଦିଗରେ ଏହି କେନ୍ଦ୍ର ସହାୟକ ହେବ ।

*Bolangir/R*

# ମାଟିବନ୍ଧ - ଭୂମିଭୂଜନ

ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ୍ ଅନ୍ତର୍ଗତ ଅପରଲାନ୍ଟ ପ୍ରକଳ୍ପର ମାଟିବନ୍ଧ ନିର୍ମାଣପାଇଁ ଭୂମିପୂଜନ କାର୍ଯ୍ୟ ଆଜି ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସାଂସଦ ସଂଯୁକ୍ତ କୁମାରୀ ସିଂହଦେଇ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଆସନ୍ତା ୨୦୨୭ ମସିହା ଡିସେମ୍ବର ସୁଦ୍ଧା ମାଟିବନ୍ଧ ନିର୍ମାଣ କାର୍ଯ୍ୟକୁ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ୧୦ଟି ପଞ୍ଚାୟତ ଅନ୍ତର୍ଗତ ୨୫ଟି ଗ୍ରାମର ଲୋକ ଉପକୃତ ହେବେ ।

*Kandhamal/R*

# ବାର୍ଷିକ ଉତ୍ସବ

ସମାଜର ସର୍ବାଙ୍ଗୀନ ବିକାଶ ହେଉଛି ଶିକ୍ଷାର ମୂଳ ଉଦ୍ଦେଶ୍ୟ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । କନ୍ଧମାଳର କ-ନୂଆଗାଁ ବ୍ଲକ୍ ପି.ଏମ୍.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପାଢ଼ୀ’ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ନବସୃଜନକୁ ବିକଶିତ କରିବାପାଇଁ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଛନ୍ତି ।

***Ganjam/R***

# ଗ୍ରୀନ୍ ଷ୍ଟିକର୍

ଗଞ୍ଜାମ ଅଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଆଜିଠାରୁ ପରିବେଶ ପ୍ରଦୂଷଣ ସାର୍ଟିଫିକେଟ୍ ଥିବା ଯାନବାହନଗୁଡ଼ିକପାଇଁ ଗ୍ରୀନ୍ ଷ୍ଟିକର ବଣ୍ଟନ ବ୍ୟବସ୍ଥା ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ କାର୍ଯ୍ୟାଳୟକୁ ୫ ହଜାର ଗ୍ରୀନ୍ ଷ୍ଟିକର ଆସିଥିବା ଜଣାପଡ଼ିଛି । ଆବଶ୍ୟକ କାଗଜପତ୍ର ଦାଖଲ କରି ଗାଡ଼ି ମାଲିକ କାର୍ଯ୍ୟାଳୟରୁ ଗ୍ରୀନ୍ ଷ୍ଟିକର୍ ସଂଗ୍ରହ କରୁଛନ୍ତି ।

***Bolangir, Gajapati/R***

# ନିଶାମୁକ୍ତି ଅଭିଯାନ

ବଲାଙ୍ଗିର ଜିଲ୍ଲା ଲୋଇସିଙ୍ଗା ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇ ସ୍ୱାମିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଯୁବପିଢ଼ିକୁ ଆହ୍ୱାନ ଦେଇଛନ୍ତି ।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଆଜି ସଖୀ ୱାନ୍‌ଷ୍ଟପ୍ ସେଣ୍ଟର ପକ୍ଷରୁ ନିଶାମୁକ୍ତ ଯୁବପିଢ଼ିପାଇଁ ବିକଶିତ ଭାରତ ଅଭିଯାନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଶୁଭାରମ୍ଭ କରିଥିଲେ ।

*Desk, Deogarh, Nayagarh, Boudh, Gajapati, Bhadrak/R*

# ଜିଲ୍ଲା - ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜନ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଥିବାର ଖବର ଆମର ହସ୍ତଗତ ହୋଇଛି ।

ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୨୦ଟି ଅଭିଯୋଗର ଶୁଣାଣି ହୋଇଛି ।

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍‌ଠାରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୧୪ଟି ଅଭିଯୋଗର ଶୁଣାଣି ହୋଇଛି ।

ବୌଦ୍ଧ ହରଭଙ୍ଗା ବ୍ଲକ୍ କାର୍ଯ୍ୟାଳୟଠାରେ ୧୨୧ଟି ଅଭିଯୋଗର ଶୁଣାଣି କରାଯାଇଛି ।

ଗଜପତି ଜିଲ୍ଲା ଗୁମ୍ମା ବ୍ଲକ୍ ଅନ୍ତର୍ଗତ ରାଗିଡ଼ି ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଶିବିରରେ ୧୦୧ଟି ଅଭିଯୋଗ ଉପରେ ଶୁଣାଣି ହୋଇଛି । ବିଭିନ୍ନ ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି ।

ଭଦ୍ରକ ଜିଲ୍ଲା ତିହିଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ୨୪ଟି ଅଭିଯୋଗର ଶୁଣାଣି କରାଯିବା ସହ ରେଡ୍‌କ୍ରସ୍ ପାଣ୍ଠିରୁ ଜଣକୁ ସହାୟତା ରାଶି ପ୍ରଦାନ କରାଯାଇଛି ।

*Boudh/R*

## ବିବେକାନନ୍ଦ ଜୟନ୍ତୀ

ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଏବଂ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସାମୂହିକ ଗାନ ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଙ୍କଳ୍ପ ପାଠ ଅନୁଷ୍ଠିତ ହୋଇଛି । ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

*IPR*

## ଜାତୀୟ ତୀରଚାଳନା

୬୯ତମ ଜାତୀୟ ବିଦ୍ୟାଳୟସମୂହ ତୀରଚାଳନା ପ୍ରତିଯୋଗିତାରେ ଓଡ଼ିଶା ମୋଟ୍ ୧୦ଟି ପଦକ ପାଇ ଦ୍ୱିତୀୟ ସ୍ଥାନରେ ରହିଛି । ଝାଡ଼ଖଣ୍ଡର ରାଞ୍ଚିଠାରେ ୧୭ ବର୍ଷରୁ କମ୍ ବାଳକ ବାଳିକା ପ୍ରତିଯୋଗିତାରେ ଓଡ଼ିଶା ମୋଟ୍ ୪ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ୍ ପଦକ ହାସଲ କରିଛି । ଗତ ୬ରୁ ୧୦ ତାରିଖ ଯାଏ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ମହାରାଷ୍ଟ୍ର ପ୍ରଥମ ଏବଂ ଝାଡ଼ଖଣ୍ଡ ତୃତୀୟ ସ୍ଥାନ ହାସଲ କରିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ଓଡ଼ିଶା

ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ମୋଟ୍ ୧୮ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ ।

***Bolangir/R***

## ପାଟଣା କପ୍ କ୍ରିକେଟ୍

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ରମଇଁ ହାଇସ୍କୁଲ୍ ଖେଳପଡ଼ିଆଠାରେ ଆଜିଠାରୁ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହାକୁ ଉଦ୍‌ଘାଟନ କରିଛନ୍ତି । ରାଜ୍ୟ ତଥା ରାଜ୍ୟ ବାହାରୁ ୮ଟି ଦଳ ଏଥିରେ ଯୋଗ ଦେଇଛନ୍ତି । ଆସନ୍ତା ୧୬ ତାରିଖରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

******